| | | | | |
|---|---|---|---|---|
| | | ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ | | |
| ୧୩. | ନୂଆପଡ଼ା | କ) ପଶୁ ଡାକ୍ତରଖାନା ଗୃହ ନିର୍ମାଣ, ପାଚେରୀ ନିର୍ମାଣ, ବୋୟର ବୋଦା ଯୋଗାଣ, ସବୁଜ ଘାସ ଚାଷର ନବୀକରଣ | - ୨୯,୫୦,୦୦୦ | ଗ୍ରାମାଞ୍ଚଳ ଦୀର୍ଘ ମିଆଦି ଯୋଜନା (RLTAP) |
| ୧୪. | ପୁରୀ | କ) ସ୍ୱାସ୍ଥ୍ୟ ସେବା | -୨,୪୫,୬୫,୦୦୦ | ଡି.ଆର୍.ଡ଼ି.ଏ. |
| | | ଖ) କୃତ୍ରିମ ପ୍ରଜନନ କେନ୍ଦ୍ର ସଂପ୍ରସାରଣ | | |
| | | ଗ) ଫାଟୁଆ ରୋଗ ନିୟନ୍ତ୍ରଣ | | |
| | | ଘ) କୃଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ | | |
| | | ଙ) ୩ ଗୋଟି ପଶୁ ଡାକ୍ତରଖାନା ଓ ୧୫ ଗୋଟି ପଶୁଧନ ନିରୀକ୍ଷକ କେନ୍ଦ୍ର ଗୃହ ନିର୍ମାଣ | | |
| | | ଚ) ପୁରୀ ପଶୁ ହାସପାତାଳର ବହିଃ ଚିକିତ୍ସା ଗୃହ ନିର୍ମାଣ | | |
| ୧୫. | କନ୍ଧମାଳ (ଫୁଲବାଣୀ) | କ) ପଶୁ ଡାକ୍ତରଖାନା ଗୃହ ନିର୍ମାଣ - ୪ଟି | - ୧୪,୫୦,୦୦୦ | (ଏସ୍.ଜି.ଏସ୍.ୱାଇ) |
| | | ଖ) ପଶୁଧନ ନିରୀକ୍ଷକ କେନ୍ଦ୍ର ନିର୍ମାଣ-୪୦ଟି | - ୬,୫୦,୦୦୦ | (ଏସ୍.ଜି.ଏସ୍.ୱାଇ) |
| | | ଗ) ଭ୍ରାମ୍ୟମାଣ ସହାୟତା ପ୍ରଦାନ | - ୩୦,୦୦୦ | (ଏସ୍.ଜି.ଏସ୍.ୱାଇ) |
| ୧୬. | ସୁନ୍ଦରଗଡ଼ | କ) ଟ୍ରାଭିସ୍ ଯୋଗାଣ-୬୦ଟି | - ୧,୬୦,୮୦୦ | (ଏସ୍.ଜି.ଏସ୍.ୱାଇ) |
| | | ଖ) ଡାଏରୀ ଫାର୍ମର ଉନ୍ନତିକରଣ | - ୨,୬୨,୦୦୦ | (ଏସ୍.ଜି.ଏସ୍.ୱାଇ) |
| | | ଗ) ଆଞ୍ଚଳିକ କୁକ୍କୁଟ ଫାର୍ମର ଉନ୍ନତିକରଣ | - ୧,୫୦,୦୦୦ | (ଏସ୍.ଜି.ଏସ୍.ୱାଇ) |
| ୧୭. | ସୁବର୍ଣ୍ଣପୁର | ପଶୁ ସହାୟକ କେନ୍ଦ୍ର ନିର୍ମାଣ - ୫ଟି | - | (ଏସ୍.ଜି.ଏସ୍.ୱାଇ) |
| ୧୮. | ସମ୍ବଲପୁର | କ) ଜମି ଉନ୍ନୟନ (ଚିପିଲିମା) | - ୬,୯୭,୦୦୦ | ଏନ୍.ଆର୍.ଇ.ଏସ୍ |
| | | ଖ) ସବୁଜ ଘାସ ଚାରା ରୋପଣ ଓ ନର୍ସରୀ ନିର୍ମାଣ | | |
| | | ଗ) ସ୍ୱୟଂସହାୟକ ଗୋଷ୍ଠୀର ନୂତନ ବୈଷୟିକ ଜ୍ଞାନ କୌଶଳ ଭିତ୍ତିକ ପ୍ରଶିକ୍ଷଣ | - ୬୨,୦୦୦ | ଏନ୍.ଆର୍.ଇ.ଏସ୍ |

ଏହି ସହାୟତା ଫଳରେ ଭିତ୍ତିଭୂମି କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ଅଭାବ ଓ ଅସୁବିଧା ଦୂର ହୋଇ ଗୋ-ସମ୍ପଦ ବିକାଶ ଧାରା ତ୍ୱରାନ୍ୱିତ ହୋଇ ପାରିବ। 'ବିକାଶ' ମାଧ୍ୟମରେ ଜିଲ୍ଲାପାଳମାନଙ୍କ ନିକଟରେ ଧନ୍ୟବାଦ ଜ୍ଞାପନ କରାଯାଉଅଛି।

## କଟକ ରେଡକ୍ରସ୍ ଭବନରେ ଜାତୀୟ ଗୋ-ମହିଷାଦି ପ୍ରଜନନ ଯୋଜନାର ଆଲୋଚନା ଚକ୍ର

ତା୨୫।୦୧।୦୬ଦିନ କଟକ ସଦର ରେଡ୍‌କ୍ରସ୍ ଭବନ ଠାରେ ଜାତୀୟ ଗୋ-ମହିଷାଦି ପ୍ରଜନନ ଯୋଜନାର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରରେ କଟକର ଜିଲ୍ଲାପାଳ ଶ୍ରୀଯୁକ୍ତ ଦିଓ ରଞ୍ଜନ କୁମାର ସିଂହ ମୁଖ୍ୟ ଅତିଥି ଭାବେ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ମହାନ୍ତି ସମ୍ମାନିତ ଅତିଥି, ଯୁଗ୍ମ ନିର୍ଦ୍ଦେଶକ ଡାଃ ସତ୍ୟ ନାରାୟଣ ପଟ୍ଟନାଏକ ମୁଖ୍ୟ ବକ୍ତା ଭାବେ ଏବଂ ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡାଃ ଲକ୍ଷ୍ମଣ କୁମାର ବେହେରା ସଭାପତି ଭାବେ ଯୋଗଦାନ କରି ରାଜ୍ୟ ତଥା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଗୋ-ମହିଷାଦି ପ୍ରଜନନ ଯୋଜନା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ।

ଜିଲ୍ଲାପାଳ ଶ୍ରୀଯୁକ୍ତ ସିଂହ ତାଙ୍କର ଆଲୋଚନା ପ୍ରସଙ୍ଗରେ କହିଥିଲେ ଯେ ପ୍ରାୟ ଅଧିକାଂଶ ଜିଲ୍ଲା ବା ବ୍ଲକ୍ ସ୍ତରୀୟ ମିଟିଙ୍ଗମାନଙ୍କରେ ପଶୁ ସଂପଦ ଉପରେ ଶେଷରେ ଆଲୋଚନା ପରିସର ମଧ୍ୟକୁ ଆସିଥାଏ। କିନ୍ତୁ ଯେଉଁ କୃଷି ତଥା ପଶୁପାଳନକୁ ନେଇ ଲୋକ ବଞ୍ଚିଛନ୍ତି ତାହା ଉପରେ ଗୁରୁତ୍ୱ ନଦେବା କ୍ଷୋଭ ଓ ପରିତାପର ବିଷୟ। ଶେଷରେ ଜାତୀୟ ଗୋପ୍ରଜନନ ଯୋଜନା ଉପରେ ଆଧାରିତ 'ବିକାଶ' ସି.ଡି. ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ ହୋଇଥିଲା। ଏ.ଡି.ଭି.ଓ. ଡାଃ ଚିତ୍ତ



ରଞ୍ଜନ ମଲ୍ଲିକ, କଟକ ଜିଲ୍ଲାରେ ଗୋ-ପ୍ରଜନନ କାର୍ଯ୍ୟକ୍ରମ ସ୍ଲାଇଡ୍ ମାଧ୍ୟମରେ ବୁଝାଇଥିଲେ।

ଏହି କର୍ମଶାଳାରେ ହୀମିକୃତ ଶୁକ୍ର ଭଣ୍ଡାରର ଉପନିର୍ଦ୍ଦେଶକ ଡାଃ. ପ୍ରଭାତ୍ କୁମାର ରଥ, ଏ.ଡି.ଭି.ଓ. (ରୋଗ ନିୟନ୍ତ୍ରଣ), ଡାଃ. ବିଜୟ କୁମାର ମିଶ୍ର, ସ୍ପେସିଆଲିଷ୍ଟ, ଡାଃ ମାନସ ରଞ୍ଜନ ମହାପାତ୍ର, ଏଲ୍.ବି.ଡି. ଫାର୍ମର ସୁପରିଣ୍ଟେଣ୍ଡେଣ୍ଟ୍ ଡାଃ ପ୍ରଶାନ୍ତ କୁମାର ସାମଲ, ପୂର୍ବତନ ଉପନିର୍ଦ୍ଦେଶକ ଡାଃ. ଏଲ୍. ଡି. ମହାନ୍ତି, ସୂଚନା ଅଧିକାରୀ ଡାଃ ବୀର କିଶୋର ପରିଡ଼ା ପ୍ରମୁଖ ଯୋଗଦାନ କରିଥିଲେ।

ଅନ୍ୟାନ୍ୟ ଲୋକପ୍ରତିନିଧିମାନଙ୍କ ମଧ୍ୟରେ ଟାଙ୍ଗୀର ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଚାରୁଲତା ପ୍ରହରାଜ, ହେମନ୍ତ କୁମାର ସାହୁ, ବାଙ୍କୀର ଶ୍ରୀ ଫକୁର ଚନ୍ଦ୍ର ସାହୁ ପ୍ରମୁଖ ଏହି କର୍ମଶାଳାର ସକ୍ରିୟ ଅଂଶଗ୍ରହଣ କରିବା ସହିତ ଏହି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପ୍ରଶ୍ନ ପଚାରି ବୁଝିଥିଲେ।

## ଓଡ଼ିଶା ପଶୁ ଚିକିତ୍ସକ ସଂଘ ଦ୍ୱାରା ଆୟୋଜିତ ଛେଳି ଚାଷୀ ସଚେତନତା ଶିବିର

କେନ୍ଦୁଝର:- ତା୩୦।୧।୦୬- ଓଡ଼ିଶା ପଶୁ ଚିକିତ୍ସକ ସଂଘର ସଂପ୍ରସାରିତ କାର୍ଯ୍ୟକାରିଣୀ ବୈଠକ ୨୯ ତାରିଖ ଦିନ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ଜିଲ୍ଲାର କର୍ମକର୍ତ୍ତାମାନେ ଯୋଗଦେଇ ବର୍ତ୍ତମାନ ସୁଦ୍ଧା ସଂଘର କାର୍ଯ୍ୟକଳାପ ତଥା ଭବିଷ୍ୟତ ଲକ୍ଷ୍ୟ ଉପରେ ବିଶଦ ଆଲୋଚନା କରିଥିଲେ। ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି, ଏଥି ସହିତ କେନ୍ଦୁଝର ଜିଲ୍ଲାର ସବୁ ଅଞ୍ଚଳରୁ ଆସିଥିବା ୪୦ଜଣ ଚାଷୀଙ୍କର ଏକ ସଚେତନତା ଶିବିର ୨୮ ଓ ୨୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା।

ଏହି ସଚେତନତା ଶିବିର ମାଧ୍ୟମରେ ଛେଳିଚାଷୀ ଓ ପଶୁ ଚିକିତ୍ସାବିତ୍‌ମାନଙ୍କ ମଧ୍ୟରେ ହୋଇଥିବା ଖୋଲା ଆଲୋଚନା ଚାଷୀମାନଙ୍କ ମନରେ ନୂତନ ଆଗ୍ରହ ସୃଷ୍ଟି କରିବା ସହିତ ଜିଲ୍ଲାର ପଶୁ ଚିକିତ୍ସକମାନଙ୍କୁ ଛେଳି ଚାଷୀମାନଙ୍କର ନିକଟତମ କରି ପାରିଥିବା ପ୍ରକାଶ।

**ବରଷା ପୂର୍ବରୁ ଲଗାଅ ଟିକା, ସଂକ୍ରାମକ ରୋଗକୁ ନଥିବ ଧୋକା।**